# କେନ୍ଦୁଝରଃନିଃଶୁଳ୍କ ଡାୟାଲିସିସ୍ ସେବା କେନ୍ଦ୍ର ଉଦ୍‌ଘାଟିତ



କେନ୍ଦୁଝର, ତା ୨୫/୦୫: ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତିତ 'ସହାୟ' କାର୍ଯ୍ୟକ୍ରମ ଅନ୍ତର୍ଗତ ନିଃଶୁଳ୍କ ଡାୟାଲେସିସ ସେବା କେନ୍ଦ୍ର କେନ୍ଦୁଝର ଜିଲ୍ଲା ହସ୍‌ପାତାଳଠାରେ ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଶୁଳ୍କ ଡାୟାଲେସିସ୍ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । କିଡ୍‌ନୀଜନିତ ରୋଗୀମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଉଦ୍‌ଘାଟନୀ ସମାରୋହ ଅବସରରେ କହିଛନ୍ତି । ବିଶେଷତଃ କିଡ୍‌ନୀ ରୋଗୀମାନେ ଡାୟାଲିସିସ୍ ପାଇଁ କଟକ, ଭୁବନେଶ୍ୱର ଏବଂ ରାଜ୍ୟ ବାହାରକୁ ଯାଇ ବିଶେଷ ଭାବେ ଖର୍ଚ୍ଚାନ୍ତ ହେଉଥିଲେ । ଗରିବ ଲୋକମାନଙ୍କର ଅବସ୍ଥା ଭାରି ଦୟନୀୟ ହେଉଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ନିଃଶୁଳ୍କ ରୋଗ ନିରୂପଣ ପାଇଁ ସିଟି ସ୍କାନ, ଡାୟାଲିସିସ୍ କେନ୍ଦ୍ର ସ୍ଥାପନ ସମେତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହାଦ୍ୱାରା ବିଶେଷ ଭାବରେ ଜନସାଧାରଣ ଉପକୃତ ହେଉଛନ୍ତି । କେନ୍ଦୁଝର ଜିଲ୍ଲା ହସ୍‌ପାତାଳରେ ନିଃଶୁଳ୍କ ଡାୟାଲିସିସ୍ ସେବା କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା କେନ୍ଦୁଝର, ପଡ଼ୋଶୀ ମୟୂରଭଂଜ, ଅନୁଗୁଳ ଜିଲ୍ଲା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଏହି ଅବସରରେ କହିଥିଲେ ଯେ, କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲା ପ୍ରଶାସନ ତରଫରୁ ଡିଏମ୍‌ଏଫ୍ ଫଣ୍ଡ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ଆଣିବା ସହିତ ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲା ହସ୍‌ପାତାଳର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଠାକରେ କହିଥିଲେ । ଏହି ଉଦ୍‌ଘାଟନୀ ସମାରୋହରେ ସିଡିଏମ୍‌ଓ ଡା.ସ୍ୱପ୍ନେଶ୍ୱର ଗଡ଼ନାୟକ, ଏଡିଏମ୍‌ଓ ଏଫ୍‌ଡବ୍ଲ୍ୟୁ ଡା.ସୁଧାଂଶୁ ଶେଖର ବଳ, ଡିଷ୍ଟ୍ରିକ୍ଟ ଆକାଉଂଟ ମ୍ୟାନେଜର ମନୋଜ କୁମାର ରାଉତ, ଏପିଡେମିଲୋଜିଷ୍ଟ ଡା.ଜ୍ୟୋତି ରଂଜନ ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଜୀବ ବାରିକଙ୍କ ସମେତ ଜିଲ୍ଲା ହସ୍‌ପାତାଳର ଅନ୍ୟାନ୍ୟ ଡାକ୍ତର, ନର୍ସିଂ ଷ୍ଟାଫ୍, କର୍ମଚାରୀ ତଥା ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟଯେ, ଉକ୍ତ ଡାୟାଲିସିସ୍ କେନ୍ଦ୍ର ପରିଚାଳନା ପାଇଁ ଚଣ୍ଡିଗଡ଼ର ରାହୀ କେୟାର୍ ସଂସ୍ଥା ସହିତ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି । ଏହି ସେବା କେନ୍ଦ୍ରରେ ୭ଟି ଶଯ୍ୟା ବ୍ୟବସ୍ଥା ରହିଛି ଏବଂ ଦୈନିକ ୧୪ଜଣ ରୋଗୀଙ୍କ ପାଇଁ ଡାୟାଲିସିସ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର